**LOYOLA SCHOOL, Bhubaneswar**

**Half Yearly Evaluation - September 2025**

**Class : VII** **Subject : 2nd Language (Odia)** **F.M. = 80 Time : 2 Hrs.**

**1. ଯେ କୌଣସି ଗୋଟିଏ ବିଷୟରେ ରଚନା ଲେଖ।** [12]

a. ତୁମ ଜୀବନର ଲକ୍ଷ୍ୟ ।

b. "ଧୀର ପାଣି ପଥର କାଟେ " - ପ୍ରବାଦକୁ ଆଧାର କରି ଗପଟିଏ ଲେଖ ।

**2. ଯେ କୌଣସି ଗୋଟିଏ ବିଷୟରେ ପତ୍ର ଲେଖ।** [8]

a. ରବିବାର ଦିନଟି କିପରି କଟାଇଲ ବର୍ଣ୍ଣନା କରି ସାଙ୍ଗ ନିକଟକୁ ପତ୍ର ଲେଖ।

b. ତୁମ ଅଞ୍ଚଳରେ ଜଳର ଅଭାବ ଦୂର କରିବା ନିମନ୍ତେ ଜିଲ୍ଲାପାଳଙ୍କୁ ଦରଖାସ୍ତ ଲେଖ।

**3. ତଳେ ଦିଆଯାଇଥିବା ଅନୁଚ୍ଛେଦଟିକୁ ପଢି ପ୍ରଶ୍ନଗୁଡିକର ଉତ୍ତର ଲେଖ।** [2 x 5=10]

ମାନ୍ୟଗଣ୍ୟ ଲୋକଙ୍କୁ ସମ୍ମାନ ଦେଖାଇବାକୁ ଅଭିବାଦନ କୁହାଯାଏ। ବିଭିନ୍ନ ଦେଶରେ ଏହି ଅଭିବାଦନର ରୂପ ଭିନ୍ନ ଭିନ୍ନ। ପୂର୍ବ କାଳରେ ହିନ୍ଦୁ ସମାଜରେ ସାଷ୍ଟାଙ୍ଗ ପ୍ରଣିପାତ ବ୍ୟବସ୍ଥା ଥିଲା। ଏଥିପାଇଁ ବୟସ୍କ ଓ ମାନ୍ୟଗଣ୍ୟ ଲୋକଙ୍କୁ ତଳେ ଲମ୍ବ ହୋଇ ଶୋଇପଡି ପ୍ରଣାମ କରିବାକୁ ପଡେ। ନମସ୍କାର ମଧ୍ୟ ଏହିପରି ଏକ ପ୍ରକାର ଅଭିବାଦନ। ମୁସଲିମ ସମାଜରେ ଦୁଇ ଜଣ ଦେଖା ହୋଇଗଲେ ଜଣେ "ଅସଲାମ ୱାଲେକୁମ" ଏବଂ ଅନ୍ୟ ଜଣକ "ୱାଲେକୁମ ସଲାମ" କହି ପରସ୍ପରକୁ ଅଭିବାଦନ ଜଣାଇଥାନ୍ତି। ଖ୍ରୀଷ୍ଟିୟାନମାନେ ଦିନର ବିଭିନ୍ନ ସମୟରେ ଦେଖାଦେଲେ "ଗୁଡ ମର୍ନିଂ", "ଗୁଡ ଡେ", "ଗୁଡ ନୂନ", "ଗୁଡ ଇଭନିଂ", "ଗୁଡ ନାଇଟ" ଆଦି କହି ପରସ୍ପରକୁ ଅଭିବାଦନ ଜଣାଇଥାନ୍ତି। ଇହୁଦୀମାନେ କୌଣସି ଉଚ୍ଚ ପଦସ୍ଥ ବ୍ୟକ୍ତିଙ୍କୁ ସାକ୍ଷାତ କଲେ ପ୍ରଣାମ କରିବା ଭଙ୍ଗୀରେ ମାଟିରେ ଶୋଇପଡନ୍ତି। ମିଶରର ଦୁଇ ଜଣ ଲୋକ ଦେଖା ହୋଇଗଲେ ଉଭୟ ନିଜ ନିଜର ଦୁଇ ହାତକୁ ଛାତି ଉପରେ ଚାପି ଧରନ୍ତି। ତା'ପରେ ଟିକିଏ ମୁଣ୍ଡ ତଳକୁ କରି ସମ୍ମାନ ଜଣାନ୍ତି।

a) ଅଭିବାଦନ କାହାକୁ କୁହାଯାଏ?

b) ହିନ୍ଦୁମାନେ କିପରି ଅଭିବାଦନ ଜଣାନ୍ତି?

c) ମୁସଲିମ ମାନଙ୍କର ଅଭିବାଦନ ଧାରା କିପରି?

d) ଖ୍ରୀଷ୍ଟିୟାନମାନେ କିପରି ଅଭିବାଦନ ଜଣାନ୍ତି?

e) ମିଶରର ଲୋକମାନେ କିପରି ଅଭିବାଦନ ଜଣାନ୍ତି?

4. **ନିର୍ଦ୍ଦେଶ ଅନୁସାରେ ଲେଖ।**

**a.** ଧନ, ପତାକା ଓ ବିହଙ୍ଗ ଶବ୍ଦର ଦୁଇଟି ଲେଖାଏଁ ପ୍ରତିଶବ୍ଦ ଲେଖ। [3]

**b.** ବିପରୀତ ଶବ୍ଦ ଲେଖ : ଅମାବାସ୍ୟା, ଅବତଳ, ଅନିଷ୍ଟ, ଉନ୍ନତି । [2]

**c.** ଅର୍ଥଗତ ପାର୍ଥକ୍ୟ ଦେଖାଅ : କୁଳ – କୂଳ, ଗୁଣି - ଗୁଣୀ, ଚରିତ – ଚରିତ୍ର [2]

**d.** ଶବ୍ଦକୁ ଶୁଦ୍ଧ କରି ଲେଖ : ଆଶୀଷ, ଆରକ୍ତିମ, ଉଧୃତ, ପରୀସ୍କାର [2]

**e.** ଅସଜଡା ବାକ୍ୟକୁ ସଜାଡି ଲେଖ। [2]

i. ବାହାରୁଛି କେତେ ଆଜିକାଲି ଖବରକାଗଜରେ କଥା ।

ii. ଥିଲେ ଜଣେ ଜ୍ଞାନୀ ବ୍ରାହ୍ମଣ ଗରିବ ଓ ଚାଣକ୍ୟ ।

**f.** ରୂଢିର ଅର୍ଥ ବୁଝାଇ ଲେଖ। [3]

ଅମଡା ମାଡିବା, ଅବସ୍ଥା ବାର ବାଜିବା, ଅକାଳ ଚଡକ ।

**g.** ଏକ ପଦରେ ପ୍ରକାଶ କର। [2]

ସାଧୁର ଭାବ, ମେଧା ଅଛି ଯାହାର

**h.** ଦୁଇଟି ଭିନ୍ନ ଅର୍ଥ ଲେଖ - ଘଡି, ଚନ୍ଦ୍ରିକା ଓ ଦଳ । [3]

**i.** ଶବ୍ଦଗୁଡିକର ଅର୍ଥ ବୁଝାଇ ଲେଖ। [5]

ଉତ୍କଟ, ବିଟୋଳ, ଅଭକ୍ଷ୍ୟ, ସୁଷମା, ମୁଗ୍ଧ ।

**j.** ବାକ୍ୟ ଗଠନ କର – ଦାୟିତ୍ୱ, ବନ୍ଦର, ଫସଲ, ଛଳନା, ନିର୍ଦ୍ଦିଷ୍ଟ [5]

**5. ତଳେ ଦିଆଯାଇଥିବା ପ୍ରଶ୍ନଗୁଡିକର ଉତ୍ତର ଲେଖ।** [2 x 10=20]

a. ପ୍ଲାଣ୍ଟରୁ ଷ୍ଟୋଭ ଆଦି ଉପକରଣକୁ ଗ୍ୟାସ କିପରି ଯାଏ ?

b. ଗୋବର ଗ୍ୟାସ ପ୍ଲାଣ୍ଟରେ କେତୋଟି ଭାଗ ଥାଏ ? ଏଗୁଡ଼ିକୁ କ'ଣ କୁହାଯାଏ ?

c. ଯଶୋଦା କୃଷ୍ଣଙ୍କୁ କେମିତି ଶୁଆଉଥିଲେ ?

d. ଯଶୋଦା କେଉଁଥିରେ କୃଷ୍ଣଙ୍କ ବଦନ ପୋଛିଦେଲେ?

e. ଆଦିବାସୀମାନଙ୍କୁ ପରାଭୂତ ସେନା ବୋଲି କାହିଁକି କୁହାଯାଏ ?

f. କେଉଁ ଚରିତ୍ରର ପ୍ରଭାବ ଲେଖକ କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ଦେହରେ ଆଜୀବନ ରହିଛି ?

g. ମାଛରଙ୍କା ପକ୍ଷୀ କିପରି ମାଛ ଧରେ ?

h. ଓଡିଆ ପୁଅମାନେ କିପରି ଦେଶକୁ ଧନ ରତ୍ନ ଆଣୁଥିଲେ ?

i. ରାମକୃଷ୍ଣ ନରେନଙ୍କୁ କ'ଣ ବୁଝାଇ ଦେଉଥିଲେ ?

j. ବିଶ୍ୱ ଧର୍ମସଭା ଆମେରିକାର କେଉଁ ସ୍ଥାନରେ ହୋଇଥିଲା ?

******************** **ALL THE BEST**********************